ନିବର୍ତି ଗୋବିନ୍ଦ ଇଙ୍ଗଲ ଏବଂ ଅନ୍ୟମାନେ

*ବନାମ*

ରାବଣଗୌଡ଼ା ଭୀମଙ୍ଗୌଡ଼ା ପାଟିଲ୍

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସ୍ୱତନ୍ତ୍ର ପ୍ରତିକାର ଅଧିନିୟମ, 1963:*

*ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ମକଦ୍ଦମା–ଅପିଲକାରୀମାନଙ୍କ ମାଆ ଉତ୍ତରଦାତାଙ୍କ ପିତାଙ୍କଠାରୁ ଋଣ ନେଇଥିଲେ–ସେ ପୁନଃହସ୍ତାନ୍ତରଣ ରାଜିନାମା ସହିତ ମକଦ୍ଦମା ଜମିର ଏକ ବିକ୍ରୟ ଦଲିଲକୁ ନିଷ୍ପାଦିତ କରିଥିଲେ–ନାବାଳକଙ୍କ ନାମରେ ବିକ୍ରୟ ଦଲିଲ ନିଷ୍ପାଦିତ କରାଯାଇଥିଲା–କ୍ରେତା ଟଙ୍କା ଫେରସ୍ତ ପାଇବା ପରେ ପୁନଃହସ୍ତାନ୍ତରଣ ଦଲିଲ ନିଷ୍ପାଦିତ କରିବାରେ ବିଫଳ ହୋଇଥିଲେ–ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ମକଦ୍ଦମା–ବିଚାର କରୁଥିବା ନ୍ୟାୟାଳୟ ମକଦ୍ଦମାର ଫଇସଲା କରିଥିଲେ –ଅପିଲୀୟ ନ୍ୟାୟାଳୟ ମକଦ୍ଦମାକୁ ଖାରଜ କରିଥିଲେ–ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ, ନ୍ୟାୟାଳୟଙ୍କ ଅନୁମତି ସହିତ ରାଜିନାମା କାର୍ଯ୍ୟକାରୀ ହୋଇନାହିଁ ଏବଂ ଯେହେତୁ ପୁନଃହସ୍ତାନ୍ତରଣ ରାଜିନାମା ନାବାଳକଙ୍କ ଲାଭ ପାଇଁ ନୁହେଁ, ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ଡିକ୍ରି ମଞ୍ଜୁର ହୋଇପାରିବ ନାହିଁ–ଦର୍ଶାଯାଇଛି, ଯେତେବେଳେ ଉତ୍ତରଦାତାଙ୍କ ପିତା ନାବାଳକଙ୍କ ନାମରେ ବିକ୍ରୟ ଦଲିଲ ହାସଲ କରିଥିଲେ, ସେ ମଧ୍ୟ ପୁନର୍ବାର ହସ୍ତାନ୍ତର ରାଜିନାମା ଦ୍ୱାରା ମଧ୍ୟ ଆବଦ୍ଧ ଅଟନ୍ତି–ଅପିଲକାରୀମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ଲୋଡ଼ିବା ପାଇଁ ହକଦାର ଅଟନ୍ତି–ବିଚାର କରୁଥିବା ନ୍ୟାୟାଳୟଙ୍କ ଡିକ୍ରିକୁ ପୁନଃସ୍ଥାପନ କରାଗଲା–ଅପିଲୀୟ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶକୁ ରଦ୍ଦ କରାଯାଇଛି–ବିଚାରଧିନ ଥିବା ମକଦ୍ଦମାର ସିଦ୍ଧାନ୍ତ–ପୁନଃ ହସ୍ତାନ୍ତରଣ ରାଜିନାମାରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ମକଦ୍ଦମା–ମକଦ୍ଦମା ବିଚାରାଧୀନ ଥିବା  ସମୟରେ କ୍ରେତାଙ୍କ ଦ୍ୱାରା ବିକ୍ରି ହୋଇଥିବା ଜମି–ଦର୍ଶାଯାଇଛି, ପରବର୍ତ୍ତୀ ଯେକୌଣସି ବିକ୍ରୟ ବିଚାରଧିନ ମକଦ୍ଦମା ସିଦ୍ଧାନ୍ତ ଦ୍ୱାରା ତମାଦି କରାଯିବ–ପରବର୍ତ୍ତୀ କ୍ରେତା ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ଡିକ୍ରି ଦ୍ୱାରା ଆବଦ୍ଧ ଅଟନ୍ତି ଏବଂ ଡିକ୍ରି-ଧାରକଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବାକୁ ଦାୟୀ ଅଟନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15097/1996 ।

ଏସ୍.ଏ. ସଂଖ୍ୟା 933/1978 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର 6.1.92 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ସୁଶ୍ରୀ ରଜନୀ, କେ.ପ୍ରସାଦ ଏବଂ କେ.ଆର. ନାଗରାଜ ।

ଉତ୍ତରଦାତା/ପକ୍ଷଭୁକ୍ତକାରୀ ପକ୍ଷ ପାଇଁ ମନୋଜ ଆରୋରା, ସୁଶ୍ରୀ ନନ୍ଦିନୀ ମୁଖାର୍ଜୀ, ଏଚ.ୱାହି ଏବଂ ପି.ଏସ୍. ନରସିମ୍ହା ।

ନ୍ୟାୟଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଯାଇଛି ।

ପ୍ରତିଷ୍ଠାପନ ଏବଂ କାର୍ଯ୍ୟାନ୍ୱୟନକୁ ଅନୁମତି ଦିଆଗଲା ।

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତା ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଜାନୁଆରୀ 6,1992 ରେ ଆର୍ ଏସ୍ ଏ ସଂଖ୍ୟା 933/78 ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ଅପିଲକାରୀଙ୍କ ମାଆ ରାଧାବାଈ କର୍ଣ୍ଣାଟକ ରାଜ୍ୟର ବିଜାପୁର ତାଲୁକା ଜିଲ୍ଲାର ପାସ୍କାୟାପୁର ଗ୍ରାମରେ 4 ଏକର 38 ଗୁଣ୍ଠ ଜମିର ମାଲିକ ଥିଲେ । ତାଙ୍କ ଅନୁସାରେ, ସେ ଆର୍.ଏସ୍. ସଂଖ୍ୟା 299, ଯଥା, ସେହି ସମାନ ଜମିରେ ଏକ କୂଅ ଖୋଳିବା ଉଦ୍ଦେଶ୍ୟରେ, 1961 ମସିହାରେ ଉତ୍ତରଦାତା ପିତାଙ୍କଠାରୁ 1,000 ଟଙ୍କା ଋଣ ନେଇଥିଲେ । ଯେହେତୁ ସେ କୂଅ ଖୋଳିବା ସମ୍ପୂର୍ଣ୍ଣ କରିବା ସ୍ଥିତିରେ ନଥିଲେ, ତେଣୁ ସେ ପୁଣି ଥରେ କୂଅଟି ସମ୍ପୂର୍ଣ୍ଣ କରିବା ପାଇଁ 2,000 ଟଙ୍କା ପାଇଁ ଅନୁରୋଧ କରିଥିଲେ । ଉତ୍ତରଦାତାଙ୍କ ପିତା, ଯିଏକି ଜଣେ କନଷ୍ଟେବଳ, ଏହି ସର୍ତ୍ତରେ ଅର୍ଥ ପ୍ରଦାନ କରିଥିଲେ ଯେ, ସେ ତାଙ୍କ ନାବାଳକ ପୁଅ ଅର୍ଥାତ୍ ଉତ୍ତରଦାତାଙ୍କ ସପକ୍ଷରେ ବିକ୍ରୟ ଦଲିଲ ନିଷ୍ପାଦନ କରିବେ । ତଦନୁସାରେ, ସେ ପୁନଃ ହସ୍ତାନ୍ତରଣ ରାଜିନାମା ସହିତ ବିକ୍ରୟ ଦଲିଲ ନିଷ୍ପାଦନ କରିଥିଲେ, ଯାହା ଅନୁରୂପ ଭାବରେ ଅଗଷ୍ଟ 31,1961 ରେ ନିଷ୍ପାଦନ ହୋଇଥିଲା । ସେ ଉଲ୍ଲେଖ କରିଛନ୍ତି ଯେ, ସେ ସମୟ ସମୟରେ 7,000 ଟଙ୍କା ପ୍ରଦାନ କରିଛନ୍ତି ଏବଂ ସେ ଉତ୍ତରଦାତାଙ୍କୁ ପୁନଃ ହସ୍ତାନ୍ତରଣ ନିଷ୍ପାଦନ କରିବାକୁ କହିଥିଲେ ଏବଂ ଉତ୍ତରଦାତା ପୁନଃ ହସ୍ତାନ୍ତରଣ ନିଷ୍ପାଦିତ କରିନଥିଲେ, ଫଳସ୍ୱରୂପ ସେ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ମକଦ୍ଦମା ଦାୟର କରିଥିଲେ । ବିଚାର କରୁଥିବା ବିଚାରପତି 1976 ମସିହା ଏପ୍ରିଲ 3 ତାରିଖରେ ଅତିରିକ୍ତ ମୁନସିଫ, ବିଜାପୁରଙ୍କ ନଥି ସଂଖ୍ୟା ଓଏସ ସଂଖ୍ୟା 4/1966 ରେ ଫଏସଲା ଦେଇଥିଲେ । ଅପିଲ ଉପରେ, ଅତିରିକ୍ତ ଦେୱାନୀ ବିଚାରପତି ନଭେମ୍ବର 7,1977 ରେ ଅପିଲକୁ ଅନୁମତି ଦେଇଥିଲେ ଏବଂ ମକଦ୍ଦମାକୁ ଖାରଜ କରିଥିଲେ । ଦ୍ୱିତୀୟ ଅପିଲକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଉଚ୍ଚ ନ୍ୟାୟାଳୟ ଦେଖିବାକୁ ପାଇଲେ ଯେ, ଯେହେତୁ ପୁନଃହସ୍ତାନ୍ତରର ରାଜିନାମା ନାବାଳକଙ୍କ ଲାଭ ପାଇଁ ନଥିଲା, ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ଡିକ୍ରି ମଞ୍ଜୁର କରାଯାଇପାରିବ ନାହିଁ । ଏପରି ଏକ ରାଜିନାମା କରିବା ପାଇଁ ନ୍ୟାୟାଳୟଙ୍କର ଅନୁମତି ପ୍ରାପ୍ତି ହୋଇନଥିଲା ଏବଂ ତେଣୁ, ଆବେଦନକାରୀ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ଲାଭ ପାଇବାକୁ ହକଦାର ନୁହଁନ୍ତି । ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଆମେ ଉଚ୍ଚ ନ୍ୟାୟାଳୟଙ୍କ ଯୁକ୍ତିରେ କୌଣସି ଦୃଢତା ପାଇନାହୁଁ । ଏହା ଦେଖାଯାଉଛି ଯେ, ଅପିଲକାରୀଙ୍କ ମାଆ ସମ୍ପତ୍ତିର ମାଲିକ ଅଟନ୍ତି । ସେ ଉତ୍ତରଦାତାଙ୍କଠାରୁ ଋଣ ଗ୍ରହଣ କରିଥିଲେ ଏବଂ ପୁନଃହସ୍ତାନ୍ତରର ରାଜିନାମା ସହିତ ବିକ୍ରୟ ଦଲିଲ ନିଷ୍ପାଦିତ କରିଥିଲେ । ଯେତେବେଳେ ଉତ୍ତରଦାତାଙ୍କ ପିତା ନାବାଳକଙ୍କ ନାମରେ ବିକ୍ରୟ ଦଲିଲ ହାସଲ କରିଥିଲେ, ସ୍ପଷ୍ଟତଃ ସେ ପୁନଃ-ହସ୍ତାନ୍ତରର ରାଜିନାମା ଦ୍ୱାରା ମଧ୍ୟ ଆବଦ୍ଧ ଅଟନ୍ତି । ଟଙ୍କା ପାଇବା ପରେ, ସେ ବିକ୍ରୟ ଦଲିଲର ନିଷ୍ପାଦିତ କରିନଥିଲେ । ଅନିବାର୍ଯ୍ୟ ଭାବେ, ଅପିଲକାରୀମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇବା ପାଇଁ ହକଦାର ଅଟନ୍ତି । ଏହି ପରିସ୍ଥିତିରେ, ଏପରି ପ୍ରଶ୍ନ ଯେ, ରାଜିନାମାଟି ନାବାଳକଙ୍କ ଲାଭ ପାଇଁ ନଥିଲା, ଯାହା ଏକ ଆଇନଗତ ପ୍ରସ୍ତାବ, ତାହା ତଥ୍ୟ ଉପରେ ଲାଗୁ କରାଯାଇପାରିବ ନାହିଁ । ଏହା ଯୁକ୍ତି କରାଯାଇଛି ଯେ,

ଉତ୍ତରଦାତାଙ୍କ ପିତାଙ୍କ ଠାରୁ ସେହି ସମ୍ପତ୍ତିର ପରବର୍ତ୍ତୀ କ୍ରେତା, ମକଦ୍ଦମାର ବିଚାରଧୀନତା ବିଷୟରେ ଅଜ୍ଞ ଥାଇ ରାଜିନାମା ଦ୍ୱାରା ଆବଦ୍ଧ ଅଟନ୍ତି । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ଅପିଲକାରୀମାନେ ଦେୱାନୀ ମକଦ୍ଦମାର ପ୍ରତିକାର ଚାହୁଁଛନ୍ତି; ପରବର୍ତ୍ତୀ କୌଣସି ବିକ୍ରୟ ବିଚାରଧୀନ ମକଦ୍ଦମା ମତବାଦ ଦ୍ୱାରା ବାରଣ କରାଯିବ । ତେଣୁ, ପରବର୍ତ୍ତୀ କ୍ରେତା ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ଏହି ଡିକ୍ରି ଦ୍ୱାରା ଆବଦ୍ଧ ଏବଂ ଆପିଲକାରୀଙ୍କୁ ସମ୍ପତ୍ତି ପୁନଃପ୍ରାପ୍ତ କରିବାକୁ ଦାୟୀ ଅଟନ୍ତି । ତଦନୁସାରେ, ବିଚାର କରୁଥିବା ବିଚାରପତିଙ୍କ ଡିକ୍ରିକୁ ପୁନରୁଦ୍ଧାର କରାଯାଉଛି ଏବଂ ଉଚ୍ଚ ନ୍ୟାୟାଳୟ  ଏବଂ ଅତିରିକ୍ତ ଦେୱାନୀ ବିଚାରପତିଙ୍କ ଡିକ୍ରିକୁ ରଦ୍ଦ କରାଯାଉଛି । ଉତ୍ତରଦାତାଙ୍କଠାରୁ କ୍ରୟ କରାଯାଇଥିବା ଅର୍ଥର ଅସୁଲି ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

ତଦନୁସାରେ, ଅପିଲକୁ ଅନୁମତି ଦିଆଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି.                                                                                                                   ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା  ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ